# ବିଶିଷ୍ଟ ରଙ୍ଗମଂଚ କଳାକାର ତଥା ନିର୍ଦ୍ଦେଶକ ନିତ୍ୟାନନ୍ଦ ଦାସଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

**ଭୁବନେଶ୍ୱର, ତା ୧୩/୧୨:** ବିଶିଷ୍ଟ ରଙ୍ଗମଂଚ କଳାକାର ତଥା ନିର୍ଦ୍ଦେଶକ ନିତ୍ୟାନନ୍ଦ ଦାସଙ୍କ ବିୟୋଗରେ ବିଜେପି ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ।

ସ୍ୱର୍ଗତଃ ଦାସ ନିଜର ନିଖୁଣ ଅଭିନୟ ପାଇଁ ବେଶ୍ ଜଣାଶୁଣା ଥିଲେ । ସ୍ୱର୍ଗତଃ ଦାସ ୫୦ରୁ ଅଧିକ ନାଟକରେ ନିର୍ଦ୍ଦେଶନା ଦେଇଥିବାବେଳେ ୧୫୦ରୁ ଅଧିକ ନାଟକରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ୨୦୦୬ ମସିହାରେ ସ୍ୱର୍ଗତଃ ଦାସଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ମୃତ୍ୟୁବେଳକୁ ସ୍ୱର୍ଗତଃ ଦାସଙ୍କୁ ୮୩ ବର୍ଷ ହୋଇଥିଲା । ସ୍ୱର୍ଗତଃ ଦାସଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**